ଦୁଗ୍ଧ ଚାଷୀଙ୍କୁ ମିଳୁନି ପାଉଣା

ସମ୍ବଲପୁର ଜିଲାର ହାତିବାରିଠାରେ ଥିବା ନିଜସ୍ୱ ପ୍ଲାଣ୍ଟକୁ ପଠାଯାଉଥିଲା ବୋଲି ଦୁଗ୍ଧଚାଷୀମାନଙ୍କଠାରୁ ପ୍ରକାଶ । ପ୍ରଥମେ ଦୁଗ୍ଧ ଚାଷୀମାନଙ୍କୁ ପ୍ରତି ୧୦ ଦିନରେ ଥରେ ଲେଖାଏଁ ଦୁଗ୍ଧର ପ୍ରାପ୍ୟ ଦିଆଯାଉଥିବା ବେଳେ ଏବେ ଆଠଟି

ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ବରଗଡ଼, ୨୯।୧୦ (ସପ୍ର): ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ କିଛି ମାସ ହେଲା ଘରୋଇକରଣ ଭାବେ ଜିଲାର ଦୁଗ୍ଧ ଚାଷୀମାନଙ୍କଠାରୁ ଆଶାଶ୍ରୀ ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା ନାମରେ ଏକ ସଂସ୍ଥା ଦୁଗ୍ଧ ସଂଗ୍ରହ କରୁଥିଲା । କିଛି ମାସ ଏହି ସଂସ୍ଥା ଠିକ୍ ଠାକ୍ ଚାଲିବା ପରେ ଏହି ସଂସ୍ଥାକୁ ଦୁଗ୍ଧ ଦେଉଥିବା ଦୁଗ୍ଧ ଚାଷୀମାନଙ୍କ ଲକ୍ଷାଧିକ ପାଉଣା ସମ୍ପୃକ୍ତ ଚାଷୀମାନଙ୍କୁ ଦିଆଯାଇନାହିଁ । ଫଳରେ ଏହିପରି ଶୋଷଣର ଶିକାର ହୋଇଥିବା ବହୁଚାଷୀ ଶେଷରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏହି ସଂସ୍ଥା ପକ୍ଷରୁ ବରଗଡ଼ ଜିଲ୍ଲାର ବରପାଲି, ଭେଡ଼େନ, ଅତାବିରା ପ୍ରଭୃତି ଅଞ୍ଚଳରେ ଚିଲିଂ ପ୍ଲାଣ୍ଟ କରି ଚାଷୀମାନଙ୍କଠାରୁ ସ୍ୱତନ୍ତ୍ର ସୋସାଇଟି ଜରିଆରେ ଦୁଗ୍ଧ ସଂଗ୍ରହ କରାଯାଉଥିଲା । ତାକୁ ପୁଣି ବିଲ୍‌ର ଲକ୍ଷାଧିକ ଟଙ୍କା ସେମାନଙ୍କୁ ପ୍ରାପ୍ୟ କରାଯାଇନାହିଁ । ସେଥି ମଧ୍ୟରୁ ବରପାଲି ବିଏମ୍‌ସିର ମହାଦେବ ସାହୁଙ୍କ ୨ ଲକ୍ଷ ୯୮ ହଜାର, ପୂର୍ଣ୍ଣଚନ୍ଦ୍ର ଭୁଏଙ୍କ ୨ ଲକ୍ଷ ୯୪ ହଜାର, ଗୁରୁପାଲିର ପରମେଶ୍ୱର ବେହେରାଙ୍କ ୧ ଲକ୍ଷ ୯୩ ହଜାର ଟଙ୍କା, ସରୋଜ ପଧାନଙ୍କ ୧ ଲକ୍ଷ କୋଡ଼ିଏ ହଜାର ଟଙ୍କା ଏହିପରି ଆହୁରୀ ଅନେକ ଚାଷୀଙ୍କ ପାଉଣା ବାକି ପଡ଼ିଛି । ବିଭିନ୍ନ ସୋସାଇଟି ଜରିଆରେ ଜିଲାର ପ୍ରାୟ ୧ ହଜାରରୁ ଅଧିକ ଚାଷୀ ଏହି ସଂସ୍ଥାକୁ ଦୁଗ୍ଧ ଦେଉଥିଲେ । ଏ ସମ୍ପର୍କରେ ପୂର୍ବରୁ ଜୁଜୁମୁରା ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଚାଷୀମାନେ କୌଣସି ସୁଫଳ ପାଇନାହାଁନ୍ତି ।

ମରୁଡ଼ି ଘୋଷଣା ଦାବି

ବରଗଡ଼, ୨୯।୧୦ (ସପ୍ର): ବରଗଡ଼ ଜିଲା ପାଇକ୍‌ମାଲ୍ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଗ୍ରାମରେ ପାଣିର ଅଭାବ ଯୋଗୁଁ ଏବେ ମରୁଡ଼ି ପରିସ୍ଥିତି ଦେଖିବାକୁ ମିଳିଛି । ଏଥିପାଇଁ ଗ୍ରାମରେ ହୋଇଥିବା ଧାନ ଫସଲ ଗୁଡ଼ିକ ପାଣି ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେହିପରି ରୋଗ, ପୋକ, ତଥା ପ୍ରମୁଖ ଭାବେ ଚକଡ଼ା ପୋକର ପ୍ରାଦୁର୍ଭାବ ଯୋଗୁଁ ଅନେକ ଧାନ ଫସଲ ଏବେ ନଷ୍ଟ ହେବାରେ ଲାଗିଛି । ଗ୍ରାମର ଢିପ ଜମି ଗୁଡ଼ିକରେ ହୋଇଥିବା କପା ଚାଷ ଗୁଡ଼ିକ ମଧ୍ୟ ପାଣି ଅଭାବ ଯୋଗୁଁ ଠିକ୍ ଭାବରେ ଫଳ ଆସିପାରୁ ନାହିଁ । କୃଷି କ୍ଷେତ୍ରରେ ଏହି ଭଳି ପରିସ୍ଥିତି ଦେଖି ଗ୍ରାମର ଚାଷୀମାନେ ବର୍ତ୍ତମାନ ହତାଶା ହୋଇପଡ଼ିଛନ୍ତି । ଛିନ୍ଦେଇକେଲା ଗ୍ରାମକୁ ମରୁଡ଼ି ପ୍ରପୀଡ଼ିତ ଭାବରେ ଘୋଷଣା କରିବାକୁ ଏବଂ କ୍ଷତି ହୋଇଥିବା ଚାଷୀମାନଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବୀ କରି ଗ୍ରାମର ବହୁଚାଷୀ ସୋମବାର ବରଗଡ଼ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ଛନ୍ଦେଇକେଲା ଗ୍ରାମରେ ଥିବା ଚାଷ ଜମି ଗୁଡ଼ିକରେ ଜଳାଭାବ ଏବଂ ରୋଗ ପୋକ ଯୋଗୁଁ ସମସ୍ତ ଫସଲ ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଅନିଶ୍ଚିତ ଭବିଷ୍ୟତ ଭିତରେ ଗତି କରୁଛନ୍ତି । ଏଣୁ ଜିଲାପାଳ ଏହାର ଆକଳନ କରି ସରକାରୀ ସହଯୋଗ ପାଇବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି ।